# କ୍ୟାରିୟର ଗଠନରେ କଷ୍ଟ ଏବଂ ମ୍ୟାନେଜ୍‌ମେଣ୍ଟ ଆକାଉଣ୍ଟାନ୍‌ସିର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ



(ଭୁବନେଶ୍ୱର ଚାପ୍ଟରର ଅଧ୍ୟକ୍ଷ ସିଏମ୍‌ଏ ବିଭୂତି ଭୂଷଣ ନାୟକଙ୍କ ସହିତ ବାସ୍ତବବାଦୀର ସ୍ୱତନ୍ତ୍ର ପ୍ରତିନିଧି ଶ୍ରୀମନ୍ତ ପଣ୍ଡାଙ୍କ ଅନ୍ତରଙ୍ଗ ଆଳାପର କିୟଦାଂଶ)।



**ପ୍ରଶ୍ନ :** ବର୍ତ୍ତମାନ ପରିସ୍ଥିତିରେ ଶିଳ୍ପର ସଫଳତା ପାଇଁ ସବୁଠୁ ବଡ ଆବଶ୍ୟକତା କ'ଣ ରହିଛି ?

**ଉତ୍ତର :** ସଂପ୍ରତି ଜଗତୀକରଣ, ଉଦାରୀକରଣ ଓ ଘରୋଇକରଣ ପରିପ୍ରେକ୍ଷୀରେ ଅର୍ଥର ସଠିକ ପରିଚାଳନା ପାଇଁ ପ୍ରଫେସନାଲ କଷ୍ଟ ଏବଂ ମ୍ୟାନେଜମେଣ୍ଟ ଆକାଉଣ୍ଟାଣ୍ଟ ମାନଙ୍କର ଖୁବ୍ ଚାହିଦା ରହିଛି ।

**ପ୍ରଶ୍ନ :** ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଆକାଉଣ୍ଟାଣ୍ଟସ୍ ଅଫ୍ ଇଣ୍ଡିଆର ପ୍ରକୃତ ଅଭିମୁଖ୍ୟ କ'ଣ ?

**ଉତ୍ତର :** ଏହି ପ୍ରତିଷ୍ଠାନଟି ...ସରକାରଙ୍କ ସଂସଦର ଏକ ସ୍ୱତନ୍ତ୍ର ଆଇନ ଅନୁସାରେ ୧୯୫୯ରେ ଗଠିତ ହୋଇ ଭାରତର କଷ୍ଟ ...ମ୍ୟାନେଜ୍‌ମେଣ୍ଟ ଆକାଉଣ୍ଟିଂ ପ୍ରଫେସନକୁ ନିୟନ୍ତ୍ରଣ କରିବା ସହ ଏହାର ୬୯୦୦୦ ସଭ୍ୟଙ୍କୁ ... ଏବଂ ପ୍ରଶିକ୍ଷିତ କରିବା ଦିଗରେ କାର୍ଯ୍ୟରତ । ଦେଶର ଶିଳ୍ପ ଓ ଅର୍ଥନୈତିକ ବିକାଶ ନିଷ୍ପାଦନ ...ସହ ଘରୋଇ ଶିଳ୍ପଦ୍ୟୋଗ ଏବଂ ସରକାରୀ କ୍ଷେତ୍ରରେ ଏହି ବୃତ୍ତିକୁ ନେଇ ପର୍ଯ୍ୟାପ୍ତ ନିଯୁକ୍ତ ... ବୃଦ୍ଧି କରିବା ହେଉଛି ପ୍ରକୃତ ଅଭିମୁଖ୍ୟ ।

**...କଷ୍ଟ ଏବଂ ମ୍ୟାନେଜ୍‌ମେଣ୍ଟ ଆକାଉଣ୍ଟାଣ୍ଟ ମାନେ କେଉଁ କ୍ଷେତ୍ରରେ କାର୍ଯ୍ୟ କରିଥାନ୍ତି ?**

...: ମ୍ୟାନେଜ୍‌ମେଣ୍ଟ ଆକାଉଣ୍ଟାଣ୍ଟ ଏବଂ କଷ୍ଟ ଆକାଉଣ୍ଟାଣ୍ଟମାନେ ଆକାଉଣ୍ଟିଂ ମ୍ୟାନେଜ୍‌ମେଣ୍ଟ, ...ମେଣ୍ଟ ଇନ୍‌ଫରମେସନ୍ ସିଷ୍ଟମ, ଇଣ୍ଟରନ୍ୟାସନାଲ ଫାଇନାନ୍ସ, ଇନ୍‌ଫରମେସନ ଟେକ୍ନୋଲୋଜି, ...ନ୍ସ ଏବଂ ବ୍ୟାଙ୍କିଙ୍ଗ ସେବା କ୍ଷେତ୍ରରେ କାମ କରିଥାନ୍ତି ।

**...କଷ୍ଟ ଏବଂ ମ୍ୟାନେଜ୍‌ମେଣ୍ଟ ଆକାଉଣ୍ଟାଣ୍ଟ ମାନଙ୍କର ନିର୍ଦ୍ଦିଷ୍ଟ ଦାୟିତ୍ୱ କ'ଣ ରହିଛି ?**

...: ଏକ ଶିଳ୍ପ ସଂସ୍ଥାର ବିନିଯୋଗ ଓ ଆର୍ଥିକ ପ୍ରଦର୍ଶନର ବିଶ୍ଳେଷଣ ସହିତ ଉକ୍ତ ସଂସ୍ଥାର ବଜେଟ୍ ...ଅର୍ଥ ଭାର୍ ଏବଂ ଅଡିଟ୍ ଭଳି ଦାୟିତ୍ୱ ଏମାନଙ୍କ ଉପରେ ନ୍ୟସ୍ତ ।

**...କଷ୍ଟ ଆକାଉଣ୍ଟାଣ୍ଟ ମାନଙ୍କର ଗୁରୁତ୍ୱକୁ ରହିଁ ସେମାନଙ୍କ ପାଇଁ କ'ଣ ଅଧିକ ସୁଯୋଗ ରହିଛି ?**

...: ଭାରତ ସରକାର ସେମାନଙ୍କ ଗୁରୁତ୍ୱକୁ ଅନୁଭବ କରି କଷ୍ଟ ଆକାଉଣ୍ଟାଣ୍ଟ ସର୍ଭିସ୍ ପରି ପ୍ରଥମ ...ସର୍ବଭାରତୀୟ ପଦବୀ ସୃଷ୍ଟି କରିଛନ୍ତି । ବିତ୍ତ ଓ ଟ୍ୟାକ୍ସ ସମ୍ପର୍କୀତ ବିଭିନ୍ନ ପଲିସି ପ୍ରଣୟନରେ ଏମାନେ ଉପଦେଷ୍ଟା ଭାବେ ନିଯୁକ୍ତି ପାଉଛନ୍ତି । ବିଭିନ୍ନ ସରକାରୀ ସଂସ୍ଥା ଏବଂ ପବ୍ଲିକ୍ ସେକ୍ଟର ଅଣ୍ଡରଟେକିଂରେ କଷ୍ଟ ଏବଂ ମ୍ୟାନେଜ୍‌ମେଣ୍ଟ ଆକାଉଣ୍ଟାଣ୍ଟମାନେ ଡିଏମ୍‌ଡି ଅଡିଟର ଏବଂ ବିଭିନ୍ନ ମ୍ୟାନେଜେରିଆଲ (ଅର୍ଥ) ଭାବେ ଅଧିଷ୍ଠିତ ହେଉଛନ୍ତି । ବିଭିନ୍ନ ବିଶ୍ୱବିଦ୍ୟାଳୟରେ କାଣିଜରେ ପିଏଚ୍‌ଡି କରିବା ସୁଯୋଗ ମଧ୍ୟ ରହିଛି । ପ୍ରାକ୍ଟିସ୍ କରିବା ପାଇଁ ବ୍ୟକ୍ତିଗତ ଭାବେ କିମ୍ବା ଏହି ଇନ୍‌ଷ୍ଟିଚ୍ୟୁଟରୁ ପାସ୍ କରିଥିବା କୌଣସି ପ୍ରାର୍ଥୀଙ୍କ ସହିତ ପାର୍ଟନରସିପ୍ ସାର୍ଟିଫିକେଟ୍ ହାସଲ କରି ଏକ ଘରର ଖୋଲି ଲୋକମାନଙ୍କୁ ସେବା ଯୋଗାଇ ଦେଇ ପାରିବେ ।

**ପ୍ରଶ୍ନ :** ଭୁବନେଶ୍ୱର ଚାପ୍ଟରର ବିଶେଷତ୍ୱ କ'ଣ ରହିଛି ?

**ଉତ୍ତର :** ଭୁବନେଶ୍ୱର ଚାପ୍ଟରରେ ସୁଯୋଗ୍ୟ ପ୍ରଫେସନାଲ୍ ମାନଙ୍କ ଦ୍ୱାରା ଛାତ୍ରମାନଙ୍କ ଶିକ୍ଷା ପ୍ରଦାନ କରାଯାଏ । ଏତଦ୍ ବ୍ୟତୀତ ବର୍ଷ ବ୍ୟାପି ବିଭିନ୍ନ କର୍ମଶାଳା, ସମ୍ମିଳନୀ ଓ ମ୍ୟାନେଜ୍‌ମେଣ୍ଟ ଡେଭଲପମେଣ୍ଟ କାର୍ଯ୍ୟକ୍ରମର ଆୟୋଜନ କରାଯାଏ । ଶିକ୍ଷାର୍ଥୀମାନଙ୍କ ପାଇଁ ଗ୍ରୁପ୍ ଡିସ୍କସନ, ଷ୍ଟଡି ସର୍କଲ, ମୋଟିଭେସନ ଟ୍ରେନିଂ, ପ୍ରୋଗ୍ରାମ ପ୍ରଭୃତି ବିନା ମୂଲ୍ୟରେ କରାଯାଇଥାଏ । ଉତ୍ତମ ସେବା ପାଇଁ ଏହି ଚାପ୍ଟର ପୂର୍ବାଞ୍ଚଳର ଶ୍ରେଷ୍ଠ ଚାପ୍ଟର ଭାବେ ୧୯ ଥର ପୁରସ୍କୃତ ହୋଇଛି ।

**ପ୍ରଶ୍ନ :** ଏହି ଚାପ୍ଟରର ଶିକ୍ଷାର୍ଥୀଙ୍କ ପାଇଁ କି ପ୍ରକାର ନିଯୁକ୍ତି ସୁଯୋଗ ରହିଛି ।

**ଉତ୍ତର :** ଏହି ଚାପ୍ଟର ପ୍ରାୟ ୫୦୦ ରୁ ଉର୍ଦ୍ଧ ଶିକ୍ଷାର୍ଥୀଙ୍କୁ ବିଏସ୍‌ଏନ୍‌ଏଲ, ଆଇଓସିଏଲ, ଗ୍ରାଡ୍‌କୋ, ସେସୁ, ଓପିଜିସି, ଓଟିପିସି ଓ ଏସିଟିସିଏଲ, ନାଲ୍‌କୋ, ହାଲ, ସେଲ, ଏମ୍‌ସିଏଲ, ପିଜିସିଆଇଏଲ, ଏମ୍‌ଏମ୍‌ଟିସି ଇତ୍ୟାଦି ବିଭିନ୍ନ ସରକାରୀ ଓ ବେସରକାରୀ ସଂସ୍ଥାରେ ନିଯୁକ୍ତି ଏବଂ ଟ୍ରେନିଂ ଯୋଗାଇ ଦିଆଯାଇଛି ।

**ପ୍ରଶ୍ନ :** ଭୁବନେଶ୍ୱର ଚାପ୍ଟରରେ ଶିକ୍ଷାର୍ଥୀ ଅଧ୍ୟୟନ ନିମନ୍ତେ ବିଶେଷ ଆକର୍ଷଣ କ'ଣ ରହିଛି ?

**ଉତ୍ତର :** ଯୁକ୍ତ ଦୁଇ ପାସ୍ କରିଥିବା ଶିକ୍ଷାର୍ଥୀଙ୍କ ପାଇଁ ସୁଯୋଗ ହେଉଛି, ସେମାନେ ଯଦି କଷ୍ଟ ଏବଂ ମ୍ୟାନେଜ୍‌ମେଣ୍ଟ ଆକାଉଣ୍ଟାଣ୍ଟ ହେବାକୁ ଆଗ୍ରହୀ ଥାଆନ୍ତି ତେବେ ଅନ୍ୟ କୋର୍ସ ସହିତ ଏହି ପାଠକୁ ମଧ୍ୟ ପଢ଼ି ହେବ । ଯୁକ୍ତ ଦୁଇ ପରେ ତିନୋଟି ସ୍ତରରେ ହାରାହାରି ୩ ବର୍ଷ ମଧ୍ୟରେ ଏହି କୋର୍ସକୁ ସଂପୂର୍ଣ୍ଣ କରିହେବ । ଏଥିପାଇଁ କୌଣସି ବୟସସୀମା, ଉଚ୍ଚତମରର ଆବଶ୍ୟକତା ନାହିଁ । ଶିକ୍ଷାର୍ଥୀଙ୍କ ସୁବିଧା ପାଇଁ ଭୁବନେଶ୍ୱର ଚାପ୍ଟର ପକ୍ଷରୁ ଅଭିଜ୍ଞ ଶିକ୍ଷକଙ୍କ ଦ୍ୱାରା ନିୟମିତ କୋଚିଂକ୍ଲାସ ଆୟୋଜନ କରାଯାଇଥାଏ ।